Candidate must not write on this margin.

# CSM—39/24

## PART—II / PAPER—VII

## HISTORY

## ଇତିହାସ

## PAPER—II

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

### GROUP—A

### ଗ୍ରୁପ୍—A

*Candidates to attempt* **10 *(ten)*** *questions within word limit of* **250**.

*Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

**1.** Assess the relevance of Dependency Theory in explaining long-term development constraints in Latin America.

ଲାଟିନ୍ ଆମେରିକା (Latin America) ରେ ଦୀର୍ଘକାଳୀନ ବିକାଶ ପ୍ରତିବନ୍ଧକ ବ୍ୟାଖ୍ୟା କରିବାରେ ନିର୍ଭରଶୀଳତା ତତ୍ତ୍ୱର (Dependency Theory) ପ୍ରାସଙ୍ଗିକତା ମୂଲ୍ୟାଙ୍କନ କର ।

**2.** Analyze the socio-economic consequences of the British takeover of Odisha. How were land revenue systems, trade patterns and agrarian relations transformed?

ଓଡ଼ିଶା ଉପରେ ବ୍ରିଟିଶ ଦଖଲର ସମାଜିକ-ଆର୍ଥିକ ପରିଣାମ ବିଶ୍ଳେଷଣ କର । ଭୂ-ରାଜସ୍ୱ ବ୍ୟବସ୍ଥା, ବାଣିଜ୍ୟ ବ୍ୟବସ୍ଥା ଏବଂ କୃଷି ସଂପର୍କ କିପରି ପରିବର୍ତ୍ତିତ ହୋଇଥିଲା ସେ ସଂପର୍କରେ ଆଲୋଚନା କର ।

3. Critically examine the ideological and methodological differences between the Moderates and Extremists within the Congress.

କଂଗ୍ରେସର ନରମପନ୍ଥୀ ଓ ଚରମପନ୍ଥୀଙ୍କ ମଧ୍ୟରେ ଆଦର୍ଶଗତ ଏବଂ ପଦ୍ଧତିଗତ (methodological) ପାର୍ଥକ୍ୟ କୁ ସମାଲୋଚନାପୂର୍ବକ ଆଲୋଚନା କର ।

4. What were the key features of New Imperialism (1870–1914) and how did it differ from earlier colonial expansion?

ନୂତନ ସାମ୍ରାଜ୍ୟବାଦ (1870–1914) ର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ କ'ଣ ଥିଲା ଏବଂ ଏହା ପୂର୍ବ ଉପନିବେଶବାଦୀ ବିସ୍ତାରଠାରୁ କିପରି ଭିନ୍ନ ଥିଲା?

5. Analyze the Orientalist-Anglicist controversy. How did the debate shape colonial educational policy and the cultural trajectory of modern India?

ପ୍ରାଚ୍ୟବାଦୀ-ଆଙ୍ଗ୍ଲୋବାଦୀ (Anglicist) ମଧ୍ୟରେ ଘଟିଥିବା ବିବାଦ ସଂପର୍କରେ ଆଲୋଚନା କର । ଏହି ବିତର୍କ କିପରି ଉପନିବେଶବାଦୀ ଶିକ୍ଷାନୀତି ଓ ଆଧୁନିକ ଭାରତର ସାଂସ୍କୃତିକ ଗତିପଥକୁ ଆକାର ପ୍ରଦାନ କରିଥିଲା, ସେ ସବୁ ବିଷୟ ଉପରେ ଆଲୋଚନା କର ।

6. Critically evaluate the 'safety-valve' theory associated with the formation of the Indian National Congress. Did this interpretation undermine the genuine political aspirations of early nationalists?

ଭାରତୀୟ ଜାତୀୟ କଂଗ୍ରେସ ଗଠନ ସହିତ ଜଡ଼ିତ ସୁରକ୍ଷା ଭାଲ୍‌ଭ୍ (safety-valve) ତତ୍ତ୍ୱ ସମାଲୋଚନାପୂର୍ବକ ମୂଲ୍ୟାଙ୍କନ କର । ଏହି ବ୍ୟାଖ୍ୟା କ'ଣ ପ୍ରାରମ୍ଭିକ ଜାତୀୟତାବାଦୀଙ୍କ ପ୍ରକୃତ ରାଜନୈତିକ ଆକାଂକ୍ଷାକୁ ଦୁର୍ବଳ କରିଥିଲା?

7. How did the Acts of 1773 and 1784 reshape the administrative and economic control of the East India Company?

1773 ଏବଂ 1784 ମସିହାରେ ପ୍ରଣୀତ ଆଇନଗୁଡ଼ିକ ଇଷ୍ଟ ଇଣ୍ଡିଆ କମ୍ପାନୀର ପ୍ରଶାସନିକ ଏବଂ ଅର୍ଥନୈତିକ ନିୟନ୍ତ୍ରଣକୁ କିଭଳି ପୁନଃଆକୃତି ଦେଇଥିଲା, ସେ ବିଷୟରେ ଆଲୋଚନା କର ।

**Candidate must not write on this margin.**

8. Examine the causes, course and political impact of the Royal Indian Navy (RIN) Mutiny of 1946. Why did this event alarm the British more than earlier uprisings?

1946 ମସିହା ରୟାଲ ଇଣ୍ଡିଆନ୍ ନୌସେନା (RIN) ବିଦ୍ରୋହର କାରଣ, ଗତି ଏବଂ ରାଜନୈତିକ ପ୍ରଭାବ ଆଲୋଚନା କର । ଏହି ଘଟଣା ପୂର୍ବ ବିଦ୍ରୋହ ଅପେକ୍ଷା ବ୍ରିଟିଶମାନଙ୍କୁ କାହିଁକି ଅଧିକ ସତର୍କ କରିଥିଲା, ତାହା ଉଲ୍ଲେଖ କର ।

9. Examine the socio-economic, political and intellectual causes of the French Revolution of 1789. In what ways did it challenge the ancient regime?

1789 ମସିହାରେ ଫରାସୀ ବିପ୍ଳବର ସାମାଜିକ-ଅର୍ଥନୈତିକ, ରାଜନୈତିକ ଏବଂ ବୌଦ୍ଧିକ କାରଣଗୁଡ଼ିକ ପରୀକ୍ଷା କରି ଲେଖ । ଏହା ପ୍ରଚୀନ ଶାସନକୁ କେଉଁ ଉପାୟରେ ଆହ୍ୱାନ କରିଥିଲା, ସେ ବିଷୟରେ ଉଲ୍ଲେଖ କର ।

10. Was constitutional politics a realistic path toward political reform, or did it inadvertently strengthen colonial authority? Provide a critical analysis.

ସାମ୍ବିଧାନିକ ରାଜନୀତି ରାଜନୈତିକ ସଂସ୍କାରପାଇଁ ଏକ ବାସ୍ତବବାଦୀ ପଥ ଥିଲା ନା ଏହା ଅଜାଣତରେ ଉପନିବେଶବାଦୀ କର୍ତ୍ତୃତ୍ୱକୁ ଦୃଢ଼ କରିଥିଲା? ଏହାର ସମାଲୋଚନାପୂର୍ବକ ବିଶ୍ଳେଷଣ ପ୍ରଦାନ କର ।

11. Critically examine the Government of India Act of 1935. How far did it represent a genuine step towards provincial autonomy and federalism?

1935 ସମିହାରେ ଭାରତ ସରକାର ଆଇନକୁ ସମାଲୋଚନାପୂର୍ବକ ପରୀକ୍ଷା କର । ଏହା ପ୍ରାଦେଶିକ ସ୍ୱାୟତ୍ତତା ଏବଂ ସଂଘୀୟତା ଦିଗରେ କେତେ ଦୂର ଏକ ପ୍ରକୃତ ପଦକ୍ଷେପଭାବେ ପ୍ରତିନିଧିତ୍ୱ କରିଥିଲା, ଉଲ୍ଲେଖ କର ।

12. Analyze the philosophical foundations of Enlightenment thought with reference to reason, liberty and human progress.

ଯୁକ୍ତି, ସ୍ୱାଧୀନତା ଏବଂ ମାନବ ପ୍ରଗତି ସମ୍ପର୍କରେ ଜାଗରଣ (Enlightenment) ଚିନ୍ତାଧାରାର ଦାର୍ଶନିକ ଭିତ୍ତିଭୂମି ବିଶ୍ଳେଷଣ କର ।

**Candidate must not write on this margin.**

## GROUP—B

## ଗ୍ରୁପ୍—B

*Candidates to attempt* **05** ***(five)*** *questions within word limit of* **300**.

*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

**Candidate must not write on this margin.**

**13.** Examine the social composition, strategies and achievements of the States' People's Movements. How did they shape the politics of integration after independence?

ରାଜ୍ୟଗୁଡ଼ିକରେ ପ୍ରଜାଆନ୍ଦୋଳନର ସାମାଜିକ ଗଠନ, କୌଶଳ ଏବଂ ସଫଳତାଗୁଡ଼ିକୁ ପରୀକ୍ଷା କର । ସ୍ୱାଧୀନତା ପରେ ସେମାନେ କିପରି ଏକତ୍ରୀକରଣର ରାଜନୀତିକୁ ଆକାର ପ୍ରଦାନ କରିଥିଲେ ଉଲ୍ଲେଖ କର ।

**14.** Discuss the political and economic conditions in post-World War II Europe that led to the formation of NATO and early steps toward European unity.

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ୟୁରୋପର ରାଜନୈତିକ ଏବଂ ଅର୍ଥନୈତିକ ପରିସ୍ଥିତି ବିଷୟରେ ଆଲୋଚନା କର, ଯାହା ନାଟୋ (NATO) ଗଠନ ଏବଂ ୟୁରୋପୀୟ ଏକତା ଦିଗରେ ପ୍ରାରମ୍ଭିକ ପଦକ୍ଷେପ ଗ୍ରହଣ କରିଥିଲା ।

**15.** Analyze the immediate social, economic and political consequences of the Partition of 1947. How did it shape the early trajectory of the Indian nation-State?

1947 ବିଭାଜନପରେ ହୋଇଥିବା ତୁରନ୍ତ ସାମାଜିକ, ଆର୍ଥିକ ଏବଂ ରାଜନୈତିକ ପରିଣାମ ବିଶ୍ଳେଷଣ କର । ଏହା ଭାରତୀୟ ରାଷ୍ଟ୍ର ରାଜ୍ୟର ପ୍ରାରମ୍ଭିକ ଗତିପଥକୁ କିପରି ଆକାର ପ୍ରଦାନ କରିଥିଲା ଲେଖ ।

**16.** Analyze the Kandha rebellions under Dora Bisoyi and Chakra Bisoyi in the context of tribal resistance to colonial rule.

ଉପନିବେଶବାଦୀ ଶାସନ ପ୍ରତି ଜନଜାତି ପ୍ରତିରୋଧ ପରିପ୍ରେକ୍ଷୀରେ ଦୋରା ବିଷୋୟୀ ଏବଂ ଚକ୍ର ବିଷୋୟୀଙ୍କ ଅଧୀନରେ କନ୍ଧ ବିଦ୍ରୋହ ଆଲୋଚନା କର ।

**17.** Discuss the role of Jai Rajguru and the Paikas in the Khurda Rebellion. How did their grievances reflect deeper structural tensions under early colonial rule?

ଖୋର୍ଦ୍ଧା ବିଦ୍ରୋହରେ ଜୟୀ ରାଜଗୁରୁ ଏବଂ ପାଇକମାନଙ୍କ ଭୂମିକା ବିଷୟରେ ଆଲୋଚନା କର । ପ୍ରାରମ୍ଭିକ ଉପନିବେଶବାଦୀ ଶାସନ ଅଧୀନରେ ସେମାନଙ୍କର ଅଭିଯୋଗ କିପରି ଗଭୀର ସାଂରଚନିକ ଉତ୍ତେଜନାକୁ ପ୍ରତିଫଳିତ କରିଥିଲା ଲେଖ ।

**18.** Discuss the growth of modern industries in India during the inter-war period. Why did Indian industrialists demand protection and how did the colonial State respond?

ଯୁଦ୍ଧ ମଧ୍ୟବର୍ତ୍ତୀ ସମୟରେ ଭାରତରେ ଆଧୁନିକ ଶିଳ୍ପର ଅଭିବୃଦ୍ଧି ବିଷୟରେ ଆଲୋଚନା କର । ଭାରତୀୟ ଶିଳ୍ପପତିମାନେ କାହିଁକି ସୁରକ୍ଷା ଦାବି କରିଥିଲେ ଏବଂ ଉପନିବେଶବାଦୀ ରାଜ୍ୟ କିପରି ପ୍ରତିକ୍ରିୟା ଦେଇଥିଲେ, ଆଲୋଚନା କର ।

★★★

**Candidate must not write on this margin.**

## SPACE FOR ROUGH WORK

Candidate must not write on this margin.

## SPACE FOR ROUGH WORK

Candidate must not write on this margin.

## SPACE FOR ROUGH WORK

Candidate must not write on this margin